## ବିଭିନ୍ନ ସ୍ଥାନରେ ଚଢ଼ାଉ, ୯ ଗାଡ଼ି ଜବତ

**ଚଣ୍ଡିଖୋଲ,(ଡି.ଏନ.ଏ.):** ଦର୍ପଣ ତହସିଲ ଅଧୀନ ବୈରୀ, ଚଣ୍ଡିଖୋଲ ଓ ବଡ଼ଚଣା ଆଦି ବିଭିନ୍ନ ସ୍ଥାନରେ ଶନିବାର ରାତିରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଫୋର୍ସ ତହସିଲଦାର ପ୍ରଦୀପ ସେଠୀଙ୍କ ନେତୃତ୍ୱରେ ଚଢ଼ାଉ କରି ୯ଟି ଗାଡ଼ି ଜବତ କରିଛି। ଉକ୍ତ ଗାଡ଼ିଗୁଡ଼ିକରୁ ୨,୬୨,୨୪୦ଟଙ୍କା ଜରିମାନା ଆଦାୟ କରାଯାଇଛି। ବୈରୀ ଥାନା ଅଧୀନ ବଗଉ ଓ ବାଘୁଆଠାରେ ଥିବା ବେଆଇନ ମାଙ୍କଡପଥର ଖାଦାନରେ ଚଢାଉ ହୋଇଥିଲା। ଚଢ଼ାଉରେ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ, ସୁପରଭାଇଜର ହରିଶଚନ୍ଦ୍ର ପ୍ରଧାନ, ରାଜସ୍ୱ ନିରୀକ୍ଷକ ମାଧବା ନନ୍ଦ ଆଇଚ, ଚିନ୍ମୟୀ ଦାସ ଓ ପୋଲିସ ଟିମ୍ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ଶିଶୁ ମୃତ: ଆଉ ଜଣେ ଗୁରୁତର

**ବିରିଡ଼ି,୨୨।୮ (ଡି.ଏନ୍.ଏ):** ବିରିଡି ଥାନା ଅନ୍ତର୍ଗତ ୨୨ ମୌଜା କାଉପଡା ଗ୍ରାମର ଠାକୁର ପୋଖରୀରେ ରବିବାର ଅପରାହ୍ନରେ ୨ଜଣ ଶିଶୁ ପାଣିରେ ବୁଡିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ କାଉପଡାସ୍ଥିତ ନାରାୟଣ ବେହେରାଙ୍କ ପୁଅ ସାଇ ବେହେରା (୭)। ଗୁରୁତର ଜଣକ ହେଲେ ବାସନ୍ଦରା ଗ୍ରାମର ରଞ୍ଜନ ବେହେରାଙ୍କ ପୁତ୍ର ଶିବାଂଶୁ ବେହେରା (୫)। ରଞ୍ଜନ ଶିବାଂଶୁଙ୍କୁ ଧରି କାଉପଡାସ୍ଥିତ ଶ୍ୱଶୁର ଘରକୁ ଆସିଥିଲେ। ରଞ୍ଜନ ସମ୍ପର୍କରେ ନାରାୟଣଙ୍କ ଭିଣୋଇ ଅଟନ୍ତି। ଅପରାହ୍ନରେ ସାଇ ଓ ଶିବାଂଶୁ ଠାକୁର ପୋଖରୀରେ ପଶି ଧୋଇ ହେଉଥିଲେ। ଏହି ସମୟରେ ଗୋଡ ଖସି ଯିବାରୁ ଉଭୟ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ସାଇଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ସୁରକ୍ଷାକର୍ମୀଙ୍କୁ ଆକ୍ରମଣ ଘଟଣା: ୧୩ କୋର୍ଟଚାଲାଣ

**କଳିଙ୍ଗନଗର,୨୨।୮(ଡି.ଏନ.ଏ.):** କଳିଙ୍ଗନଗର ଟାଟା ଷ୍ଟିଲ୍ ଫେଜ-୨ ପରିସରରୁ ଲୁହା ଚୋରି ଉଦ୍ୟମ ଓ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ ଘଟଣାରେ କଳିଙ୍ଗନଗର ପୋଲିସ ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ସମସ୍ତ ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳର ବୋଲି ପୋଲିସ କହିଛି। ଏନେଇ ଥାନାରେ ମାମଲା ନଂ.୧୯୪/୨୧ ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ୧୯ତାରିଖ ରାତି ୮ଟାରେ ଲୁଟେରାମାନେ ନିର୍ମାଣାଧୀନ ଟାଟା ଷ୍ଟିଲ ଫେଜ-୨ରେ ପଶି ଲୁହା ଚୋରି କରୁଥିଲେ। ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ସେମାନଙ୍କୁ ବିରୋଧ କରିଥିଲେ। ତେବେ ସୁରକ୍ଷାକର୍ମୀଙ୍କ ସଂଖ୍ୟା କମ ଥିବାରୁ ଲୁଟେରାମାନେ ସେମାନଙ୍କୁ ଆକ୍ରମଣ କରିଥିଲେ।

### ରାସ୍ତା ଅବରୋଧ: ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ

**ପଟ୍ଟାମୁଣ୍ଡାଇ,୨୨।୮(ସ୍ୱ.ପ୍ର.):** ସର୍ବସାଧାରଣ ଯାତାୟତ ରାସ୍ତା ଅବରୋଧ କରାଯାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଶେଷରେ ଗ୍ରାମବାସୀ ବାଧ ହୋଇ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିବା ସହ ଅବରୋଧ ନ ହଟିଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଭୋଇପଡା ଗାଁର ଦଳିତ ସାହିରେ ଥିବା ପ୍ଲଟ ନଂ. ୨୭୩ ସର୍ବସାଧାରଣ ରାସ୍ତାକୁ କେତେଜଣ ବ୍ୟକ୍ତି ନିଜ ଦଖଲକୁ ନେଇ ଯାତାୟାତ ପଥ ଅବରୋଧ କରିଛନ୍ତି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବହୁ ଦଳିତ ପରିବାରଙ୍କ ଯାତାୟାତ ରାସ୍ତା ବନ୍ଦ ହୋଇଯାଇଛି। ରାସ୍ତା ଆରପଟରେ ଥିବା ନଳକୂପକୁ ମଧ୍ୟ ଲୋକମାନେ ପାଣି ଆଣିବା ପାଇଁ ଯାଇପାରୁନାହାନ୍ତି। ଏହି ରାସ୍ତାଟିକୁ ଜବରଦଖଲ ମୁକ୍ତ କରିବାକକୁ ଗାଁର ନିରାକାର ମଳିକ, ପଞ୍ଚାନନ ମଳିକ, ନାରାୟଣ ମଳିକ, ଗୌରାଙ୍ଗ ମଳିକ, ବାରୁଣୀ ମଳିକ, ପ୍ରଦୀପ ମଳିକ, ଆକାଶ ମଳିକ ପ୍ରଭୃତି ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତାକୁ ଜବରଦଖଲ ମୁକ୍ତ କରିବାକୁ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ ଓ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ ପ୍ରମୁଖ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ କୁମାର ସେଠୀଙ୍କ ସହିତ ଆଲୋଚନା କରିଛନ୍ତି।

# ଡରେଇବାକୁ ଲୋକଙ୍କ ନାମରେ ମିଥ୍ୟା ମାମଲା

**ଆଳି,୨୨।୮(ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଓ ଅନ୍ୟମାନେ।

- ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ
- ପ୍ରଥମେ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର, ଲାଠିମାଡ଼ରୁ ଗଣ୍ଡଗୋଳ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖରସ୍ରୋତା ନଦୀର ବରୁଣାଡିହାର ମେଗା ପାନୀୟ ଜଳ ପ୍ରକଳ୍ପରୁ ଭଦ୍ରକ ଜିଲାକୁ ପାଣି ଯୋଗାଣକୁ ୨ ବର୍ଷ ହେଲା ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ବିରୋଧ ଜାରି ରଖିଛି। ଶାସକ ଦଳର ପ୍ରରୋଚନାରେ ରାଜକନିକା ପୋଲିସ ସଂଗ୍ରାମ ସମିତିର କର୍ମକର୍ତ୍ତା ଓ ସାଧାରଣ ଲୋକଙ୍କ ନାମରେ ମିଥ୍ୟା ମାମଲା କରିଛି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଥିବା ବେଳେ ଆନ୍ଦୋଳନକାରୀଙ୍କୁ ଡରେଇବାକୁ ଏଭଳି ମାମଲା କରାଯାଇଛି ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ସଂଗ୍ରାମ ସମିତି ଉପଦେଷ୍ଟା ଦେବେନ୍ଦ୍ର ଶର୍ମା ଅଭିଯୋଗ କରିଛନ୍ତି।

ଆଳି ନିଆଳହାଟସ୍ଥିତ ବାସଭବନରେ ଆୟୋଜିତ ସମ୍ମିଳନୀରେ ସେ କହିଛନ୍ତି, ୧୨ତାରିଖ ଦିନ ବରୁଣାଡିହା ମୌଜାର ଖରସ୍ରୋତା ବାମପାର୍ଶ୍ୱରେ ନିର୍ମାଣ କରାଯାଉଥିବା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରି ଆଳି-ରାଜକନିକାର ହଜାର ହଜାର ମହିଳାପୁରୁଷ ରାସ୍ତାରୋକୋ କରୁଥିଲେ। ପୋଲିସ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର ଓ ଲାଠିମାଡ଼ କରିଥିଲା। ଫଳରେ ଉତ୍ତ୍ୟକ୍ତ ଜନତା ପୋଲିସର ୧୪୪ ଧାରା ଭଙ୍ଗ କରିଥିଲେ। ପ୍ରକଳ୍ପ ଆଡ଼କୁ ମାଡି ଯାଇଥିଲେ। ଏହି ଘଟଣା ସମୟରେ ଶାସକ ଦଳର କେତେଜଣ ଗୁଣ୍ଡା ପ୍ରକଳ୍ପ ସ୍ଥଳରେ ଭଙ୍ଗାରୁଜା କରିଥିଲେ। ପୋଲିସ ଜାଣିଶୁଣି ବିଳମ୍ବରେ ପଦକ୍ଷେପ ନେଇଥିଲା। ନିରୀହ ଜନସାଧାରଣଙ୍କ ଉପରେ ଦୁଇ ମିଥ୍ୟା ମାମଲା ରୁଜୁ କରିଥିଲା। ଗୋଟିଏ ରାଜକନିକା ଥାନା ଆଇଆଇସି ନଂ. ୨୮୪/୨୧ ଓ ପ୍ରକଳ୍ପ ନିର୍ମାଣ କରୁଥିବା ଠିକା ସଂସ୍ଥାର ଅଭିଯୋଗକ୍ରମେ ନଂ. ୨୮୫/୨୧ରେ ମାମଲା ରୁଜୁ ହୋଇଥିଲା। ଉଭୟ ମାମଲାରେ ଦିଆଯାଇଥିବା ନାମଗୁଡିକ ପ୍ରାୟତଃ ସମାନ। ରାଜକନିକା ଥାନା ଆଇଆଇସିଙ୍କ କେସ୍ ଅନୁଯାୟୀ ମଧ୍ୟାହ୍ନ ୧୨ଟା୧୫ ମିନିଟ୍‌ରେ ଆନ୍ଦୋଳନକାରୀ ୧୪୪ ଧାରା ଲାଗି କରାଯାଇଥିବା ବ୍ୟାରିକେଡ୍ ଭାଙ୍ଗି ନିର୍ମାଣକାରୀ ଠିକା ସଂସ୍ଥାର ସମ୍ପତ୍ତି ନଷ୍ଟ କଲେ। କିନ୍ତୁ ଠିକା ସଂସ୍ଥା ପକ୍ଷରୁ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି ଯେ, ମଧ୍ୟାହ୍ନ ୧୨ଟା ୫ରେ ନେତାମାନଙ୍କ ସହ ଲୋକମାନେ କମ୍ପାନୀ ସମ୍ପତ୍ତି ନଷ୍ଟ କରିଛନ୍ତି। ପୋଲିସ ଓ ଠିକା ସଂସ୍ଥା ଏତଲାରେ ସମୟର ତାଳମେଳ ରହୁନି। ଯଦି ମଧ୍ୟାହ୍ନ ୧୨ଟା୧୫ ପର୍ଯ୍ୟନ୍ତ ଆନ୍ଦୋଳନକାରୀଙ୍କୁ ଅଟକା ଯାଇଥିଲା ତେବେ ୧୨ଟା୫ ମିନିଟ୍‌ରେ କିଭଳି ଭଙ୍ଗାରୁଜା ଓ ଲୁଟ୍ ଘଟିଲା। ତେଣୁ ଜଣାପଡୁଛି ଏତଲାଗୁଡିକ ଘଟଣା ଘଟିବା ପୂର୍ବରୁ ପ୍ରସ୍ତୁତ କରି ରଖାଯାଇଥିଲା। ରାଜକନିକା ପୋଲିସ ତରବରିଆ ଭାବେ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ଲୋକଙ୍କୁ ହଇରାଣ କରିବାକୁ ଜାଣିଶୁଣି ଏଭଳି କାମ କରିଛି। ଏପରିକି ହାର୍ଟ ଅପରେଶନ ହୋଇ ଘରେ ଶଯ୍ୟାଶାୟୀ ଥିବା ଲୋକଙ୍କୁ ଗିରଫ କରାଯାଇଛି। ଦୁଇ ପୂର୍ବତନ ବିଧାୟକ (ସେ ନିଜେ) ଦେବେନ୍ଦ୍ର ଶର୍ମା ଓ ଦୋଳଗୋବିନ୍ଦ ନାୟକ ଏବଂ ସଂଗ୍ରାମ ସମିତିର ଶାନ୍ତିପ୍ରିୟ କର୍ମକର୍ତ୍ତାଙ୍କ ଉପରେ ମିଛ ମାମଲା କରି ଫସାଇ ଦିଆଯାଇଛି। ଲୋକଙ୍କୁ କୋର୍ଟ ଚାଲାଣ କଲାବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପରୀକ୍ଷା ନ କରାଇ ଡାକ୍ତରଙ୍କଠାରୁ ରିପୋର୍ଟ ଲେଖାଇ ନିଆଯାଇଛି। ରାଜକନିକା ପୋଲିସର ଏହି ଆପରାଧିକ କାର୍ଯ୍ୟର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ନିକଟରେ ଦାବି କରିଛନ୍ତି। ସମ୍ମିଳନୀରେ ଶର୍ମାଙ୍କ ସହ ରାଜକନିକା ବ୍ଲକ ସଭାପତି ମଗୁଲି ବେହେରା, ବାବୁରାମ ଜେନା, ଆଳି ବ୍ଲକ କଂଗ୍ରେସ ସଭାପତି ରବି ନାରାୟଣ ବେହେରା, କେନ୍ଦ୍ରାପଡ଼ା ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ସତ୍ୟ ପରିଡା, ରାଜମୋହନ ସ୍ୱାଇଁ, କ୍ଷୀରୋଦ ବେହୁରା, ଜିଲା କଂଗ୍ରେସ କମିଟି ସଦସ୍ୟ ଦର୍ପନାରାୟଣ ସାହୁ ଓ ଯୁବନେତା ସେକ୍ ଆତିଫ ଯୋଗ ଦେଇଥିଲେ।

# ଲାଗି ହେଲା ପାଟରାଖୀ, ଚିତା, କାଠିମୁକୁଟ


ଶ୍ରୀବଳଦେବଜୀଉଙ୍କୁ ସ୍ୱର୍ଣ୍ଣ ଚିତା, କାଠିମୁକୁଟ, ଲକ୍ଷେ ତୁଳସୀ ଲାଗି ହୋଇଛି।

**କେନ୍ଦ୍ରାପଡ଼ା ଅଫିସ, ୨୨।୮**

### ଶ୍ରୀବଳଦେବଜୀଉଙ୍କ ଜନ୍ମୋତ୍ସବ

କେନ୍ଦ୍ରାପଡ଼ାର ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଜନ୍ମୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କୁ ସ୍ୱର୍ଣ୍ଣ ଚିତା, କାଠି ମୁକୁଟ ଲାଗି କରାଯିବା ସହ ତୁଳସୀ ବେଶ ଅନୁଷ୍ଠିତ ହୋଇଛି। ଗତ ୧୬ ତାରିଖରେ ପୁରୀ ଶ୍ରୀମନ୍ଦିରର ସୁଭଦ୍ରାଙ୍କ ନିକଟରୁ ଆସିଥିବା ପାଟରାଖୀ ବଡଭାଇ ଶ୍ରୀବଳଦେବ ଓ ସାନଭାଇ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଇଛି। ଶ୍ରୀଜୀଉଙ୍କ ଜନ୍ମୋତ୍ସବ ଉପଲକ୍ଷେ ସହରର ଇଚ୍ଛାପୁରସ୍ଥିତ ମନ୍ଦିରରେ ସକାଳ ୫ଟାରୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ ପରେ ଜନ୍ମୋତ୍ସବ ଉପଲକ୍ଷେ ପେଡା ଭୋଗ ମଣୋହୀ ହୋଇଥିଲା। ପରେ କାଠିମୁକୁଟ ଓ ଅଧରମାଳ ଲାଗି କରାଯାଇ ଗହ୍ମା ଅଭିଷେକ ନୀତି ସମ୍ପନ୍ନ କରାଯାଇଥିଲା। ଶ୍ରୀକ୍ଷେତ୍ରରୁ ଆସିଥିବା ପାଟରାଖୀକୁ ମଝିବାଡ ପୂଜାପଣ୍ଡା ଅର୍ପଣ କରିଥିଲେ। ଗହ୍ମା ଅଭିଷେକ ଉପଲକ୍ଷେ ହୋମଯଜ୍ଞ ସହ ୧ ଲକ୍ଷ ତୁଳସୀ ଅର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ମନ୍ଦିର ଭିତରେ ଓ ବାହାରେ ଭଜନ, କୀର୍ତ୍ତନ, ସ୍ତୁତି, ନାମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସୁପରଭାଇଜର ନୃସିଂହ ଚରଣ ପତ୍ରୀ, ପୂର୍ବତନ ଟ୍ରଷ୍ଟି ଧୀରେନ ସାହୁ, ବଳରାମ ସୁଆର, ଗଗନ ପତ୍ରୀ, ଧର୍ମଦର୍ଶୀ କର, ତିନି ବାଡର ପୂଜାପଣ୍ଡା ପ୍ରମୁଖ ପରିଚାଳନା ଓ ନିରୀକ୍ଷଣ କରିଥିଲେ।

# ପାଣିକୋଇଲି ଟୋଲପ୍ଲାଜାରେ ଦାଦାଗିରି



ଟୋଲଗେଟ୍ ନିକଟରେ ଲୋକେ ଆନ୍ଦୋଳନ କରୁଛନ୍ତି।

**ଯାଜପୁର ଅଫିସ/ ପାଣିକୋଇଲି (ଡି.ଏନ.ଏ.), ୨୨।୮**

- ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ
- ଟୋଲପ୍ଲାଜା କର୍ମଚାରୀ ଗିରଫ

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ୨୦୧୬ ଅଗଷ୍ଟରେ ପାଣିକୋଇଲି ଟୋଲପ୍ଲାଜାକୁ ଭଦ୍ରକ ଜିଲା ଡାହାଲାକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ହୋଇଥିଲା। ହେଲେ କେନ୍ଦୁଝର, ସୁକିନ୍ଦା ଖଣି ଅଞ୍ଚଳ ସମେତ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାତାୟାତ କରୁଥିବା ଗାଡିଗୁଡ଼ିକରୁ ଅଧିକ ଲାଭ ଆଶାରେ ଉକ୍ତ ନିର୍ଦ୍ଦେଶ ୫ ବର୍ଷ ହେଲା କାର୍ଯ୍ୟକାରୀ ହେଉନାହିଁ। ବରଂ ସେତେବେଳେ ନିର୍ଦ୍ଦେଶ ହୋଇଥିବା ମଙ୍ଗୁଳିରୁ ବନ୍ଦାଳୋକୁ ଟୋଲପ୍ଲାଜା ସ୍ଥାନାନ୍ତର ହୋଇସାରିଛି। କେତେଜଣ ପ୍ରଭାବଶାଳୀ ନେତାଙ୍କ ପ୍ରୋତ୍ସାହନରେ ବେଆଇନ ଭାବେ ଚାଲିଥିବା ପାଣିକୋଇଲି ଟୋଲପ୍ଲାଜାର କର୍ମଚାରୀଙ୍କ ଦାଦାଗିରି ମଧ୍ୟ ବଢ଼ିବାରେ ଲାଗିଛି। ଶନିବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ଟୋଲ ପ୍ଲାଜା କର୍ମଚାରୀଙ୍କ ମାଡରେ ଏକ ଟ୍ରକର ଡ୍ରାଇଭର ଓ ଖଲାସୀ ଗୁରୁତର ଆହତ ହୋଇଥିଲେ। ଏହାପରେ ଭଦ୍ରକ ଓ ଯାଜପୁର ଡ୍ରାଇଭର ସଂଘ ପକ୍ଷରୁ ପାଣିକୋଇଲି ଟୋଲପ୍ଲାଜା ସମ୍ମୁଖରେ ଧାରଣା ଦେବାରୁ ୩ ଘଣ୍ଟା ଧରି ୧୬ ନମ୍ବର ଜାତୀୟ ରାଜପଥ ଅଚଳ ହୋଇ ପଡ଼ିଥିଲା। ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଟୋଲ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ବନ୍ଦ ହୋଇଥିଲା। ଏହାପରେ କିଛି ସମୟ ପାଇଁ ଟୋଲ ଫ୍ରି କରାଯାଇ ଗାଡ଼ିଗୁଡିକୁ ଛଡ଼ାଯାଇଥିଲା। ମାତ୍ର ଘଟଣାରେ ପୋଲିସ ନଂ.୨୩୨/୨୧ରେ ମାମଲା ରୁଜୁ କରି ଟୋଲପ୍ଲାଜା କର୍ମଚାରୀ ସତ୍ୟପ୍ରକାଶଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଦୀର୍ଘ ୫ ବର୍ଷ ଧରି ପାଣିକୋଇଲି ଟୋଲପ୍ଲାଜାର ସ୍ଥାନାନ୍ତରଣ ପରିବହନ ବିଭାଗର ନିଷ୍ପତ୍ତି ଅନୁସାରେ କାର୍ଯ୍ୟକାରୀ ନ ହେବାରୁ ନିୟମିତ ଭାବେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଥିବା ମତପ୍ରକାଶ ପାଇଛି।

# ମଣିଷକୁ ରକ୍ତ ଭଳି ଗଛ ପାଇଁ ଜଳ ଆବଶ୍ୟକ

**କେନ୍ଦ୍ରାପଡ଼ା ଅଫିସ, ୨୨।୮**

ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ଗ୍ରାମର ନରେଶ ମଲ୍ଲିକଙ୍କ ଝିଅ ଶ୍ରଦ୍ଧା(୭) ଥାଲାସେମିଆ ରୋଗରେ ପୀଡିତ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ରକ୍ତ ନେବା ପରେ ଭିତରକନିକା ଜୈବ ବିବିଧତାର ସୁରକ୍ଷା ପାଇଁ ଦୀର୍ଘ ୧୩ ଦିନ ଧରି ଅନଶନରେ ଥିବା ଶ୍ରୀକାନ୍ତ ନାୟକଙ୍କ ହାତରେ ରାଖୀ ବାନ୍ଧିଛନ୍ତି। ପରିବାର ସଦସ୍ୟ ଭିତରକନିକା ସୁରକ୍ଷା ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଶ୍ରୀକାନ୍ତଙ୍କ ଆନ୍ଦୋଳନ ଯଥାର୍ଥ ବୋଲି ଶ୍ରଦ୍ଧାଙ୍କ ବାପା ନରେଶ କହିଛନ୍ତି। ସେ କହିଛନ୍ତି, ମଣିଷ ବଞ୍ଚିବା ପାଇଁ ରକ୍ତ ଆବଶ୍ୟକ। ଥାଲାସେମିଆ ରୋଗୀର ଅଭିଭାବକ ଭାବେ ଏହାଠାରୁ ଅଧିକ କିଛି ଜାଣିନାହିଁ। ରକ୍ତ ଅଭାବରୁ ଝିଅର ଶରୀର ଦୁର୍ବଳ ହେଲେ ମୋ ପାଇଁ ଦୁନିଆଁ ଅନ୍ଧାର ହୋଇଯାଏ। ପ୍ରତିମାସ ଡାକ୍ତରଖାନାରେ ରକ୍ତ ନେବା ପରେ ଝିଅ ମୁହଁ ସତେଜ ହୋଇଉଠେ। ମଣିଷ ବଞ୍ଚିବା ପାଇଁ ଯେପରି ରକ୍ତ ଆବଶ୍ୟକ, ସେପରି ଗଛ ପାଇଁ ଜଳ ଜରୁରୀ। କେନ୍ଦ୍ରାପଡ଼ା ଜିଲାରେ ପ୍ରକୃତିର ଅବଦାନ ଭାବେ ଭିତରକନିକାର ଜଙ୍ଗଲ ଅଛି। ଏହି ବୃହତ ଜାତୀୟ ଉଦ୍ୟାନରେ ହେନ୍ତାଳବଣ ସମେତ ବନ୍ୟ ଜୀବ, ପକ୍ଷୀ ଓ ସାମୁଦ୍ରିକ ଜୀବ ରହିଛନ୍ତି। ଏହି ଆର୍ଦ୍ରଭୂମିକୁ ଲୁଣା ଜଳ ଆସୁଥିଲେ ମଧ୍ୟ ମଧୁର ଜଳର ଆବଶ୍ୟକତା ଅଛି। ଏହି ଜଳ ନ ପାଇ ଖରାଦିନେ ହରିଣ, ବାରହା, ୬ ଫୁଟରୁ ଅଧିକ ଲମ୍ବର ଗୋଧି ଆଦି ଗାଁମୁହାଁ ହୋଇଥାନ୍ତି। ଜଳ ପାଇଁ ଡହଳ ବିକଳ ଏହି ଜୀବମାନେ ଶିକାରୀଙ୍କ ହାବୁଡରେ ପଡି ହେଉ ଅଥବା ଅନ୍ୟ କାରଣରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ସେହିପରି ସାମୁଦ୍ରିକ ଜୁଆର, ଝଡ଼ ବାତ୍ୟାରୁ ରକ୍ଷା କରୁଥିବା ହେନ୍ତାଳବଣ ପାଇଁ ମଧୁର ଜଳ ଆବଶ୍ୟକ। ତେବେ ଖରସ୍ରୋତା ନଦୀରେ ବିଭିନ୍ନ ମେଗା ପ୍ରୋଜେକ୍ଟ ଭିତରକନିକାର ପ୍ରାକୃତିକ ବିଭବକୁ ନଷ୍ଟ କରିବ। ଏଥିପାଇଁ ଝିଅ ଶ୍ରଦ୍ଧା ପୂର୍ବାହ୍ନରେ ଶ୍ରୀକାନ୍ତଙ୍କ ହାତର ରାଖୀ ବାନ୍ଧିଥିବା ନରେଶ କହିଛନ୍ତି।

# ଆନ୍ଦୋଳନ ଜୋରଦାର କରିବାକୁ ଚେତାବନୀ

**କୁଜଙ୍ଗ,୨୨।୮(ଡି.ଏନ୍.ଏ.)**

### ମକଦ୍ଦମା ପ୍ରତ୍ୟାହାର କରିବାକୁ ଦାବି

ଏରସମା ବ୍ଲକ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତରେ ଜଙ୍ଗଲ ଜମି ଅଧିକାର ଆନ୍ଦୋଳନକୁ ଚପାଇଦେବାପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଆନ୍ଦୋଳନକାରୀଙ୍କ ବିରୋଧରେ ମିଥ୍ୟା ମକଦ୍ଦମା ରୁଜୁ କରାଯାଉଥିବା ଦର୍ଶାଇ ପ୍ରତିବାଦରେ ପାଟଣାଠାରେ ରବିବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି।

ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ, ଅକ୍ଷୟ ବେଉରା, ଦେବଦତ୍ତ ସ୍ୱାଇଁ, ନୃସିଂହ ରାଉତ, ଅକ୍ଷୟ ଦାସ, ଶାନ୍ତି ସେଠୀ, ଚୁନି ମଲ୍ଲିକ ପ୍ରମୁଖ ଯୋଗଦେଇ ଜିଲା ପ୍ରଶାସନ ଜନଆନ୍ଦୋଳନକୁ ଭଣ୍ଡୁର କରି ପାରିବେ ନାହିଁ ବୋଲି କହିଥିଲେ। ପ୍ରଶାସନ ପକ୍ଷରୁ ମକଦ୍ଦମା ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନ ଯୋରଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତର ଜଙ୍ଗଲ ଜମିକୁ କମ୍ପାନୀ ହାତରେ ଟେକିଦେବାପାଇଁ ସରକାର ମସୁଧା ଚଳାଇଛନ୍ତି। ଏନେଇ ପଞ୍ଚାୟତବାସୀ ଦୀର୍ଘ ୧୭ବର୍ଷ ହେଲା ଆନ୍ଦୋଳନ କରିଆସୁଛନ୍ତି। ପ୍ରଶାସନ ଏହି ଆନ୍ଦୋଳନକୁ ଚପାଇବା ପାଇଁ ଢିଙ୍କିଆର ପଡାଗ୍ରାମ ମାହଳ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେଇଥିବବେଳେ ପଡ଼ାଗ୍ରାମ ପାଟଣାକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ କରି ଭାଗ କରିବାକୁ ମସୁଧା କରୁଛନ୍ତି। ଏନେଇ ଗତ ୧୮ ତାରିଖରେ ଏରସମା ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କୁ ଢିଙ୍କିଆଠାରେ ଆନ୍ଦୋଳନକାରୀ ବିରୋଧ କରି ଅଟକ ରଖିଥିଲେ। ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀ ଜଙ୍ଗଲ ଜମି ଅଧିକାର ଓ ପଞ୍ଚାୟତର ସବୁ ଗ୍ରାମର ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୯ ତାରିଖରେ ୨୦୦ ଆନ୍ଦୋଳନକାରୀଙ୍କ ନାମରେ ବିଭିନ୍ନ ଦଫାରେ ମକୋଦ୍ଦମା ରୁଜୁ କରାଯାଇଛି। ଏହାକୁ ଆନ୍ଦୋଳନକାରୀମାନେ ବିରୋଧ କରିଛନ୍ତି।


ପ୍ରତିବାଦ ସଭାରେ ଯୋଗ ଦେଇଥିବା ଲୋକେ।

# ଯୁବକଙ୍କୁ ପିଟି ହତ୍ୟା ଘଟଣା:ଦେଢ଼ ବର୍ଷ ପରେ ୨ ଅଭିଯୁକ୍ତ ଗିରଫ

**ଧର୍ମଶାଳା,୨୨।୮(ଡି.ଏନ.ଏ.)**

ଧର୍ମଶାଳା ଥାନା ଆରୁହା ହାଟରେ ୨୦୧୯ ନଭେମ୍ବର ୨୦ରେ ଜଣେ ଯୁବକଙ୍କୁ ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଦେଢ଼ ବର୍ଷ ପରେ ଘଟଣାରେ ସମ୍ପୃକ୍ତ ଆଉ ୨ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଆରୁହା ଗ୍ରାମର ଚକ୍ରଧର ବଟ ଓ ସୁଶାନ୍ତ ସାମଲ। ଘଟଣା ପରଠାରୁ ଦୁହେଁ ଫେରାର ହୋଇଯାଇଥିଲେ। ସୂଚନା ଅନୁଯାୟୀ, ଏହି ଥାନା ଟିକରସାହି ଗ୍ରାମର ଗୁନ ବେହେରାଙ୍କ ପୁଅ ବିଶ୍ୱଭୂଷଣ(୨୨) ଘଟଣା ଦିନ ତାଙ୍କ ସାଙ୍ଗଙ୍କ ସହିତ ବାଇକ୍ ଯୋଗେ ଭଉଣୀ ଘର ଦର୍ପଣୀକୁ ଯାଇଥିଲେ। ସେଠାରୁ ଫେରି ଆରୁହା ହାଟରେ ସିଝା ଅଣ୍ଡା ଖାଇଥିଲେ। ପଇସା ନେଣଦେଣକୁ ନେଇ ଦୋକାନୀଙ୍କ ସହିତ ତାଙ୍କର ବଚସା ହୋଇଥିଲା। ସେଠାରେ ଉପସ୍ଥିତ ଲୋକେ ଉଭୟଙ୍କୁ ମାରପିଟ କରିଥିଲେ। ପରିବାର ଲୋକେ ପହଞ୍ଚିବା ପୂର୍ବରୁ ବିଶ୍ୱଭୂଷଣ କେଉଁଆଡ଼େ ଚାଲିଯାଇଥିଲେ। ପରଦିନ ପରିବାର ଲୋକେ ବାଟିଜଙ୍ଗାସ୍ଥିତ ରେଳ ଲାଇନ କଡ଼ରୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବଡ଼ବାପା ସୁନାକର ବେହେରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଆରୁହା ଗ୍ରାମର ବାବୁ ବେହେରା(୨୫)ଙ୍କୁ ସେତେବେଳେ ଗିରଫ କରି କୋର୍ଟଚାଲାଣ କରିଥିଲା।

# ମା’, ମାଟି ପାଇଁ କାମ କଲେ ଦେଶର ଉନ୍ନତି ହେବ

**ବରୀ,୨୨।୮(ଡି.ଏନ.ଏ.)**



ଶହୀଦ ଦିବସ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

### ଶହୀଦ ଦିବସ ପାଳିତ

ମା’ ଓ ମାଟି ପାଇଁ କାମ କଲେ ଦେଶର ଉନ୍ନତି ହୋଇପାରିବ। ରବିବାର ବରୀ ବ୍ଲକ ଅଧୀନ ରକ୍ତତୀର୍ଥ କଳାମାଟିଆଠାରେ ୮୦ତମ ଶହୀଦ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଉକ୍ତ ମତ ରଖିବା ସହ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କରୋନା କଟକଣା ଯୋଗୁ ଉତ୍ସବକୁ ଶହୀଦ ମେମୋରିଆଲ ଟ୍ରଷ୍ଟ ଓ ଗ୍ରାମବାସୀଙ୍କ ମିଳିତ ସହାୟତାରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟ ଆବାହକ ଶୁକଦେବ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ପ୍ରଫେସର ଦେବ ପ୍ରସାଦ ସାମଲ ସଭା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଇତିହାସକୁ କେବଳ ପଢ଼ିଲେ କିଛି ମୂଲ୍ୟ ମିଳେନି, କିନ୍ତୁ ଯେଉଁମାନେ ଆମ ପାଇଁ ଚିରନମସ୍ୟ ହୋଇ ଇତିହାସ ପୃଷ୍ଠାରେ ସ୍ଥାନ ପାଇଛନ୍ତି ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜିର ଯୁବପିଢି କାର୍ଯ୍ୟ କଲେ ତାହା ସେହି ଶହୀଦ ଦେଶ ପ୍ରେମୀଙ୍କ ପାଇଁ ଉଚିତ ସମ୍ମାନ ହେବ ବୋଲି କହିଥିଲେ। ଏଥିସହିତ ଶହୀଦ ପୀଠର ଅସମ୍ପୂର୍ଣ୍ଣ କାର୍ଯ୍ୟ ଏକ ବର୍ଷ ମଧ୍ୟରେ ଶେଷ କରାଯିବାକୁ ଖସଡ଼ା ପ୍ରସ୍ତୁତ ହୋଇଛି ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ବରୀ ଅଞ୍ଚଳର କୃଷକ, ଛାତ୍ରୀଛାତ୍ର, ଶିକ୍ଷାବିତ୍ ଓ ସୈନ୍ୟବାହିନୀରେ କାର୍ଯ୍ୟରତ ମୋଟ ୮ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରୀ ଅତିରିକ୍ତ ତହସିଲଦାର ଭାନୁମତି ମାଝି, ବ୍ଲକ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। କଳାମାଟିଆ ସରପଞ୍ଚ ସମୀର ମଲିକ ଧନ୍ୟବାଦ ଦେଇଥିଲେ।

# ଶ୍ୱଶୁରଙ୍କୁ ହତ୍ୟା: ବୋହୂ କୋର୍ଟଚାଲାଣ

**ପାଣିକୋଇଲି, ୨୨।୮(ଡି.ଏନ.ଏ.)**

ଶ୍ୱଶୁରଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ଅଭିଯୋଗରେ ବୋହୂଙ୍କୁ ଢେଙ୍କାନାଳରୁ ଗିରଫ କରିଛି ପାଣିକୋଇଲି ପୋଲିସର ଏକ ସ୍ୱତନ୍ତ୍ର ଟିମ୍। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷେ ଶ୍ୱଶୁର ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ଅଭିଯୁକ୍ତା ବୋହୂ ଅଭିଯୋଗ କରିଛନ୍ତି। ମାତ୍ର ୬୩ ବର୍ଷର ଶ୍ୱଶୁର ସନ୍ଧ୍ୟାବେଳେ ତାଙ୍କ ସ୍ତ୍ରୀ ସହ ଘରେ ଥିବା ଅବସ୍ଥାରେ ବୋହୂଙ୍କ ଏଭଳି ଅଭିଯୋଗ ଆଣିବାକୁ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଅପରପକ୍ଷେ ବୋହୂର ପରକିୟା ପ୍ରୀତିକୁ ଶ୍ୱଶୁର ବିରୋଧ କରିବାରୁ ଏଭଳି ଘଟଣା ଘଟିଥିବା ଆଲୋଚନା ହେଉଛି। ପ୍ରକାଶ ଯେ, ପାଣିକୋଇଲି ଥାନା ମୂଳାପାଳ ପଞ୍ଚାୟତର ରଣପାଳ (ବେଲଗଡ଼ିଆ) ଗ୍ରାମରେ ଗତ ୧୬ ତାରିଖ ରାତ୍ରିରେ ଘଟିଥିଲା ଉକ୍ତ ହତ୍ୟାକାଣ୍ଡ। ଘଟଣା ପରେ ବୋହୂ ଫେରାର ହୋଇଯାଇଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅପହୃତ ଶିଶୁ ଉଦ୍ଧାର

**ଜଗତ୍‌ସିଂହପୁର ଅଫିସ, ୨୨।୮**

- ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ
- ଶିଶୁ ସୁରକ୍ଷା ସମିତିରେ ହାଜର ହେବ ଶିଶୁ

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧୮ ତାରିଖରେ ରାହୁଲ ନାମକ ଜଣେ ଅଢେଇ ବର୍ଷର ଶିଶୁ ନିଖୋଜ ହୋଇଯାଇଥିଲେ। ୩ ଦିନ ପରେ ତାଙ୍କୁ ଏହି ଥାନା ବରାଗୋଳ ପଞ୍ଚାୟତ ବିଶ୍ୱନାଥପୁର ଗାଁର ଗଣେଶ ମଲ୍ଲିକଙ୍କ ନିକଟରୁ ଉଦ୍ଧାର କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଥାନାରେ ରଖାଯାଇଛି। ରାହୁଲଙ୍କ ନିଖୋଜ ସମ୍ପର୍କରେ ଜେଜେ ମା’ ଏରସମା ଥାନା ଆମ୍ବିକୀ ଗ୍ରାମର ଚନ୍ଦ୍ରମା ସ୍ୱାଇଁ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୦୮/୨୧) ରୁଜୁ କରି ତନାଘନା କରିଥିଲା। ଏ ସମ୍ପର୍କରେ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ରାହୁଲଙ୍କ ଉଦ୍ଧାର ପାଇଁ ଏସ୍‌ପି ଅଖିଳେଶ୍ୱର ସିଂହଙ୍କ ନିର୍ଦ୍ଦେଶ ଅନୁସାରେ ପୋଲିସ ପକ୍ଷରୁ ୪ ଜଣିଆ ଦଳ ଗଠନ କରାଯାଇଥିଲା। ଏହି ଦଳ ଜିଲାର ତିର୍ତ୍ତୋଲ, କୁଜଙ୍ଗ, ବାଲିକୁଦା ସମେତ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲା। ସେମାନେ ରବିବାର ଶିଶୁଟିକୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ରେ ତାକୁ ହାଜର କରାଯିବ ବୋଲି ଆଇଆଇସି କହିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ଗଣେଶଙ୍କୁ ଗିରଫ କରାଯାଇଛି। ଗଣେଶଙ୍କ ବୟାନ ମୁତାବକ, ପିଲାଟିର ଚଗଲାମି ଦେଖି ସେ କିଛି ଦିନ ହେବ ତାସହ ଖେଳୁଥିଲେ। ସାଥିରେ ନେବା ପାଇଁ ମନାଉଥିଲେ। କିଛି ଖାଇବା ଜିନିଷ ମଧ୍ୟ ଦେଉଥିଲେ। ଏଥିରେ ଜଣେ ମହିଳା ମଧ୍ୟସ୍ଥତା କରିଥିଲେ। କିନ୍ତୁ ସମ୍ପୃକ୍ତ ମହିଳା କିଏ ଏବଂ କେଉଁ ସର୍ତ୍ତରେ ସହାୟତା କରୁଥିଲେ ସେ ସମ୍ପର୍କରେ ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ସ୍ପଷ୍ଟ କରି ନ ଥିଲା।

ସୂଚନାଯୋଗ୍ୟ, ଝିଅ ଓ ଜ୍ୱାଇଁଙ୍କ ମୃତ୍ୟୁ ପରେ ଅଢେଇ ବର୍ଷର ନାତି ରାହୁଲଙ୍କୁ ଧରି ଚନ୍ଦ୍ରମା ବହୁ କଷ୍ଟରେ ଦିନ କାଟୁଥିଲେ। ସେ ନାତିଙ୍କୁ ଧରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ୱାର୍ଡ ନିକଟ ୱେଟିଂ ରୁମ୍‌ରେ ପାଖାପାଖି ଅଢେଇ ମାସ ହେଲା ରହି ଆସୁଥିଲେ। ଗତ ୧୮ ତାରିଖ ସକାଳେ ଚନ୍ଦ୍ରମା ଶୌଚ ହେବାକୁ ଯାଇଥିବା ବେଳେ ରାହୁଲଙ୍କୁ ଗଣେଶ ପ୍ରଥମେ ଚଲାଇ ଚଲାଇ କିଛି ବାଟ ନେଇଥିଲେ। ଗଣେଶ ଚାଲି ଚାଲି ଯାଉଥିବା ବେଳେ ଶିଶୁଟି ରାସ୍ତାରେ ଖେଳି ଖେଳି ତାଙ୍କ ସହ ଯାଉଥିଲା। ତେବେ ଚର୍ଚ୍ଚିକା ବଜାର ନିକଟରୁ ଗଣେଶ ସାଇକେଲରେ ରାହୁଲଙ୍କୁ ନେଇଯାଇଥିଲେ। ଏହି ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ଏହାକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଧରିଛି।

**ଜଣେ ମୃତ, ୨୨ ଆକ୍ରାନ୍ତ**

**ନୟାଗଡ଼ ଅଫିସ :** ରବିବାର ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲାରେ କରୋନାରେ ଜଣଙ୍କ ମୃତ୍ୟୁ ଓ ୨୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଭାପୁର ,ଦଶପଲ୍ଲା, ନୂଆଗାଁ, ଓଡ଼ଗାଁ, ଖଣ୍ଡପଡ଼ା ବ୍ଲକରେ ୧ଜଣ ଲେଖାଏଁ ୫ଜଣ, ଗଣିଆ ବ୍ଲକରେ ୩ଜଣ, ରଣପୁର ବ୍ଲକରେ ୨ଜଣ, ନୟାଗଡ଼ ବ୍ଲକ ୬ଜଣ, ନୟାଗଡ଼ ପୌରାଞ୍ଚଳରେ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ଏହି ସଂଖ୍ୟାକୁ ମିଶାଇ ଜିଲାରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୧୨୦ ରେ ପହଞ୍ଚିଛି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୯୬ ଜୀବନ ନେଇ ସାରିଛି ।

## ସଂକ୍ଷେପରେ

### ୩ ବଖରା ଜଳିଗଲା

**ଦଶପଲ୍ଲା,୨୨।୮(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଘୁଗୁଡିପଡ଼ା ପଞ୍ଚାୟତ ଅନ୍ତର୍ଗତ ମକରପ୍ରସାଦ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ବାବୁଲା ନାଏକଙ୍କ ୩ବଖରା ଘର ସହ ସମସ୍ତ ବାସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ଫାୟାର ଅଫିସର କାହ୍ନୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଦଶପଲ୍ଲା ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ । ବର୍ଷା ଦିନ ଯୋଗୁ ବାବୁଲାଙ୍କ ପରିବାର ଅତି ଦୟନୀୟ ଭାବେ ଅନ୍ୟ ଜଣଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି । ବାବୁଲାଙ୍କ ପରିବାର ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସହ ଆବାସ ଯୋଜନାରେ ଘର ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### ବୃକ୍ଷକୁ ରାଖୀ ବାନ୍ଧିଲେ ୨ ଭଉଣୀ



**ଖଣ୍ଡପଡ଼ା,୨୨।୮ (ସ୍ୱ.ପ୍ର.):** ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର ପ୍ରତି ଘରେ ଗହ୍ମା ପୂର୍ଣ୍ଣମୀ ସହିତ ରବିବାର ରକ୍ଷା ବନ୍ଧନ ପାଳିତ ହୋଇଯାଇଛି । ଝିଅମାନେ ସେମାନଙ୍କ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ଖୁସି ମନାଇଛନ୍ତି। ଅପରପକ୍ଷେ ଗଛ ବଞ୍ଚିଲେ ଆମେ ବଞ୍ଚିବାକୁ ଆଖି ଆଗରେ ରଖି ୨ଭଉଣୀ ଇସାଶ୍ରୀ ଓ ସାଇଶ୍ରୀ ସାହୁ ଗଛକୁ ନିଜ ଭାଇ ବୋଲି ଭାବି ରାଖୀ ବାନ୍ଧିଛନ୍ତି। ଏହି ଦୁଇ ଭଉଣୀଙ୍କ ଭାଇ ନାହାନ୍ତି। ସେଥିପାଇଁ ମାନବ ସମାଜକୁ ସୁରକ୍ଷା ଯୋଗାଇ ଆସୁଥିବା ବୃକ୍ଷକୁ ସେମାନେ ଭାଇ ବୋଲି ସମ୍ବୋଧନ କରି ରାଖୀ ବାନ୍ଧିଥିବା କହିଛନ୍ତି ।

### ଗ୍ରାମ ବିଜେ କଲେ ସୁଦର୍ଶନ

**ଖଣ୍ଡପଡ଼ା,୨୨।୮(ସ୍ୱ.ପ୍ର.):** ଖଣ୍ଡପଡ଼ା, ସିଧାମୂଳାସ୍ଥ ଜଗନ୍ନାଥ ମନ୍ଦିର, ଖଳିସାହି ଗୋପାଳ ଜୀଉ ମନ୍ଦିର ଏବଂ ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ନୀଳମାଧବ ପୀଠରେ ୫ଦିନ ବ୍ୟାପୀ ଚାଲିଥିବା ଝୁଲଣ ଯାତ୍ରା ରବିବାର ଗହ୍ମା ପୂର୍ଣ୍ଣିମା ତିଥିରେ ସମ୍ପନ୍ନ ହୋଇଛି । ଏହି ଉପଲକ୍ଷେ ନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନ ଜଗତ କଲ୍ୟାଣ ନିମନ୍ତେ ରବିବାର ଅପରାହ୍ନ ପ୍ରାୟ ସାଢେ ୫ଟାରେ ସ୍ୱତନ୍ତ୍ର ନୀତି ସମ୍ପନ୍ନ ପରେ ଏକ ମଣି ବିମାନରେ ଆରୁଢ ହୋଇ ଗ୍ରାମ ବିଜେ କରିଥିଲେ। ପ୍ରବାଦ ଅଛି, ଶ୍ରାବଣ ମାସ ଗହ୍ମା ପୂର୍ଣ୍ଣମୀ ତିଥିରେ ଶ୍ରୀଜୀଉଙ୍କ ଆୟୁଧ ସୁଦର୍ଶନ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ତଥା ଜଗତ କଲ୍ୟାଣ ଲକ୍ଷ୍ୟରେ ଗ୍ରାମ ବିଜେ କରିଥାନ୍ତି । ଗ୍ରାମ ପରିକ୍ରମା ସମୟରେ ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ପାଖରେ ସୁଦର୍ଶନଙ୍କୁ ପୂଜା କରାଯାଇଥିଲା । ଗ୍ରାମ ପରିକ୍ରମା ପରେ ସୁଦର୍ଶନ ଜୀଉ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ମୃତଦେହ ରଖି ଥାନା ଘେରାଉ

- ଆହତଙ୍କ ମୃତ୍ୟୁ ପରେ ଉତ୍ତେଜନା
- ହତ୍ୟାକାରୀଙ୍କ ଗିରଫ ଦାବି ଜୋରଦାର

**ନୟାଗଡ଼ ଅଫିସ,୨୨।୮**

ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଆହତ ହୋଇଥିବା ଜଣେ ଯୁବକ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କର ରବିବାର ମୃତ୍ୟୁ ଘଟିଛି। ସେ ହେଲେ ବୋରଗାଁର ସୁଧୀର ଦଳେଇ(୪୫) । ଏ କଥା ଜଣା ପଡିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ହତ୍ୟାକାରୀଙ୍କୁ ଗିରଫ ଦାବିରେ ଫତେଗଡ଼ ଥାନା ସମ୍ମୁଖରେ ମୃତଦେହ ରଖି ଗ୍ରାମବାସୀ ଅପରାହ୍ନ ୪ଟାରେ ଥାନା ଘେରାଉ କରିଥିଲେ। ଖବର ପାଇ ଫତେଗଡ଼ ଥାନା ଆଇଆଇସି ଗିରିଜା ପଟ୍ଟନାୟକ, ଭାପୁର ତହସିଲଦାର, ଭାପୁର ବ୍ଲକ ଭାରପ୍ରାପ୍ତ ଚେୟାରମ୍ୟାନ ଗୟାଧର ପରିଡ଼ା ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ପରେ ସନ୍ଧ୍ୟା ୭ଟାରେ ଘେରାଉ ପ୍ରତ୍ୟାହାର ହୋଇଥିଲା।



ଥାନା ସମ୍ମୁଖରେ ମୃତଦେହ ରଖି ଗ୍ରାମବାସୀଙ୍କ ଧାରଣା।

ସୂଚନା ଅନୁଯାୟୀ, ବୋରଗାଁର ଉଚ୍ଛବ ଦଳେଇ ଓ ମାଗି ଦଳେଇଙ୍କ ମଧ୍ୟ ପ୍ରାୟ ୨ବର୍ଷ ହେଲା ବିବାଦ ଲାଗି ରହିଛି । ପୂର୍ବରୁ ଏନେଇ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି । ଗତ ୧୭ ତାରିଖ ଦ୍ୱିପ୍ରହର ସମୟରେ ବାଇଗୁଣିଆ ପଞ୍ଚାୟତ ବୋରଗାଁରେ ଉଚ୍ଛବ ଦଳେଇ ଓ ପୁଅ ଶିବାନନ୍ଦ ଘରକୁ ଫେରୁଥିବାବେଳେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ଉଚ୍ଛବ ଦଳେଇ ଓ ସୁଧିର ଦଳେଇଙ୍କ ପରିବାର ପରସ୍ପରକୁ ଆକ୍ରମଣ କରିଥିଲେ । ଦୁଇ ପରିବାର ମଧ୍ୟରେ ମାରପିଟ୍ ଘଟି ଉଭୟ ପକ୍ଷର ୮ ଆହତ ହୋଇଥିଲେ।

ଆହତମାନଙ୍କ ମଧ୍ୟରୁ ଉତ୍ସବ ଦଳେଇ, ପୁଅ ଶିବାନନ୍ଦ, ସୁଧିର ଦଳେଇ ପ୍ରମୁଖ ୪ଜଣଙ୍କ ଅବସ୍ଥା ଗୁରତର ହେବାରୁ ସେମାନଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଉଚ୍ଛବ ଦଳେଇଙ୍କ ସ୍ତ୍ରୀ ପାର୍ବତୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୫୧/୨୧) ରୁଜୁ କରିଥିଲା। ପାର୍ବତୀଙ୍କ ଅଭିଯୋଗରେ ମନୋଜ ଦଳେଇ, ସୁଧିର ଦଳେଇ, ମିନତୀ ଦଳେଇ, କଳ୍ପନା ଦଳେଇ ଓ ସୌମ୍ୟରଞ୍ଜନ ଦଳେଇଙ୍କ ନାଁ ରହିଛି। ମନୋଜ ଦଳେଇଙ୍କ ଅଭିଯୋଗ କ୍ରମେ ପୋଲିସ ଅନ୍ୟ ଏକ ମାମଲା(ନଂ.୧୫୨/୨୧)ରେ ୬ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା ।

## ଟିକାକରଣ ପ୍ରତି ଅଣଦେଖା

**ରଣପୁର,୨୨।୮(ସ୍ୱ.ପ୍ର.)**

କରୋନା ଟିକାକରଣ ସବୁଆଡେ ଚାଲିଥିବାବେଳେ ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ପଞ୍ଚାୟତ ଓ ତା'ର ଆଖପାଖ ଅଞ୍ଚଳ ପ୍ରତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଣଦେଖା କରାଯାଉଥିବା ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି । ଚାନ୍ଦପୁର ଓ କନ୍ଧନୟାଗଡ଼ ଲୋକମାନେ ଏଥିପାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଚାନ୍ଦପୁର ଏକ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଥିବାରୁ ଏହି ବଜାରକୁ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସିଥାନ୍ତି । ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ଉପରେ ସ୍ଥାନୀୟ ରୋଗୀମାନେ କରିଥାନ୍ତି । ଉକ୍ତ ସ୍ୱାସ୍ଥ୍ୟ ନିବାସକୁ କୋଭିଡ୍ ଡାକ୍ତରଖାନାରେ ପରିଣତ କରାଯାଇଥିଲେ ମଧ୍ୟ ଚାନ୍ଦପୁର ଜନସାଧାରଣଙ୍କ ପାଇଁ ଟିକାକରଣ ବ୍ୟବସ୍ଥା ହେଉନାହିଁ । ଫଳରେ ଗ୍ରାମବାସୀ ଟିକା ନ ପାଇ ହଇରାଣ ହେଉଛନ୍ତି । ସ୍ଥାନୀୟ ଲୋକେ ଏ ପର୍ଯ୍ୟନ୍ତ ପ୍ରଥମ ଡୋଜ୍ ଟିକା ପାଇ ନ ଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଅସହାୟ ବନ୍ଧୁଙ୍କୁ ସହାୟତା



ସହପାଠୀମାନେ ସୁଶାନ୍ତଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

**ଖଣ୍ଡପଡ଼ା,୨୨।୮(ସ୍ୱ.ପ୍ର.)**

**ହାତ ବଢ଼ାଇଲେ ପୁରାତନ ଛାତ୍ର**

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ିଆ ଗ୍ରାମର ସୁଶାନ୍ତ କୁମାର ବେହେରା(୩୫) ଗତ କିଛିବର୍ଷ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅସହାୟ ଭାବେ ଘରେ ପଡ଼ି ରହିଛନ୍ତି । ଆର୍ଥିକ ଅନଟନ ଯୋଗୁ ତାଙ୍କ ଉଚ୍ଚତର ଚିକିତ୍ସାରେ ବାଧା ସୃଷ୍ଟି ହୋଇଛି । ପରିସ୍ଥିତି ଏପରି ହୋଇଛି ଯେ, ସୁଶାନ୍ତ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି । ଏହି ଖବର ଜଣାପଡିବା ପରେ ବେଣାଗାଡ଼ିଆ ସାତଗାଁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ-୨୦୦୨ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରମାନେ ନିଜ ସହପାଠୀଙ୍କୁ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଛନ୍ତି । ସେମାନେ ଚଳିତ ବର୍ଷର ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି । ସୁଶାନ୍ତଙ୍କ ସହପାଠୀ ତପନ ରାଉତ, ବିଜୟ ରାଉତ, ସଞ୍ଜୟ ସ୍ୱାଇଁ, ସଞ୍ଜୟ ସାସମଲ, ରାଜୀବ ନାୟକ, ପ୍ରତାପ ସ୍ୱାଇଁ ପ୍ରମୁଖ ରବିବାର ସୁଶାନ୍ତଙ୍କ ଘରେ ପହଞ୍ଚି ତାଙ୍କୁ ୨୩ ହଜାର ୫ଶହ ଟଙ୍କା ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ସେମାନେ ଅନ୍ୟ କିଛି ସହାୟତା କରିବେ ବୋଲି କହିଛନ୍ତି ।

# ଗୋଡିପଡ଼ାକୁ ବ୍ଲକ ମାନ୍ୟତା ପାଇଁ ସହମତି



ବୈଠକରେ ଏକତ୍ରିତ ହୋଇଥିବା ୧୧ ପଞ୍ଚାୟତବାସୀ।

**ନୟାଗଡ଼ ଅଫିସ,୨୨।୮**

- ଏକାଠି ହେଲେ ୧୧ ପଞ୍ଚାୟତବାସୀ
- ୨ ପଞ୍ଚାୟତକୁ ଛାଡି ଶରଣକୁଳ ଜୋନକୁ ସାମିଲ ପାଇଁ ପ୍ରସ୍ତାବ

କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୋଡିପଡ଼ାକୁ ବ୍ଲକ ମାନ୍ୟତା ଦେବାକୁ ଦାବି କରି ଏକ ବୈଠକ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ପଞ୍ଝୁମୁ ପଞ୍ଚାୟତର ପୂର୍ବତନ ସରପଞ୍ଚ କୁବେର ସାହୁଙ୍କ ପରିଚାଳନାରେ ଗୋଡ଼ିପଡ଼ାରେ ଅନୁଷ୍ଠିତ ଏହି ବୈଠକରେ ଶିଖରପୁର, ଆଙ୍ଗିସିଙ୍ଗି, ବଡଗୋରଡା, ଡିମଶର, ଗୋଡିପଡ଼ା, ହରିଡାବନ୍ଧ, ପଞ୍ଝୁମୁ, ଭାଲିଆଡିହି, ଗୋଲଗାଁ, କଜଳାଇପଲ୍ଲୀ, ବରସାହି, ଡମସାହି ଆଦି ୧୧ ପଞ୍ଚାୟତର ମୁରବୀ, ଲୋକ ପ୍ରତିନିଧିମାନେ ଯୋଗ ଦେଇ ସହମତି ପ୍ରକାଶ କରିଥିଲେ। ଶରଣକୁଳ ଜୋନର ଶରଣକୁଳ ଓ ହରିହରପୁର ପଞ୍ଚାୟତକୁ ନେଇ ଶରଣକୁଳ ଏନଏସି ଗଠନ ପାଇଁ ପ୍ରସ୍ତାବ ଓ ଦାବି ଉପସ୍ଥାପନ କରାଯାଇଥିଲା । ଏହି ଦୁଇ ପଞ୍ଚାୟତକୁ ଛାଡ଼ି ସୋଲପଟା, ଗୋଟିସାହି, ମଗରବନ୍ଧ, ଗୋଡ଼ିପଲ୍ଲୀ, ପଞ୍ଚରିଡ଼ାମାନପୁର ପ୍ରମୁଖ ୫ ପଞ୍ଚାୟତକୁ ଗୋଡିପଡ଼ା ବ୍ଲକରେ ସାମିଲ କରାଯିବାକୁ ପ୍ରସ୍ତାବ ଆସିଥିଲା। ପରେ ଏହା ଗୃହୀତ ହୋଇଛି। ଆସନ୍ତା ବୈଠକ ପୂର୍ବରୁ ଶରଣକୁଳ ଜୋନର ଏହି ୫ ପଞ୍ଚାୟତର ଲୋକ ପ୍ରତିନିଧି ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ନୟାଗଡ଼, ରଣପୁର ଓ ଓଡ଼ଗାଁ ବ୍ଲକର କେନ୍ଦ୍ରସ୍ଥଳୀ ଓଡ଼ଗାଁ ବ୍ଲକର ଗୋଡିପଡ଼ାକୁ ବ୍ଲକ ମାନ୍ୟତା ଦେବାକୁ ୫୦ ବର୍ଷ ହେଲା ଦାବି ହୋଇ ଆସୁଛି । ଏଥିପାଇଁ ଓଡ଼ଗାଁ ବ୍ଲକର ଗୋଡିପଡ଼ା, ଡିମିଶର, ହରିଡ଼ାବନ୍ଧ, ବଡ଼ଗୋରଡା, ବରସାହି, ଶିଖରପୁର, ଆଙ୍ଗିସିଙ୍ଗି, ପଞ୍ଝୁମୁ, ଭାଲିଆଡିହି, କଜଳାଇପଲ୍ଲୀ, ଗୋଲଗାଁ, ରଣପୁର ବ୍ଲକର ଦର୍ପନାରାୟଣପୁର, ଡମସାହି, ଖଡିଆ, ରଙ୍ଗଦେଉଳି, ବନ୍ଧମୁଣ୍ଡା, ନୟାଗଡ଼ ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ବାସିନ୍ଦାଙ୍କ ସହମତି ରହିଛି। ଏଭଳିସ୍ଥଳେ ଶରଣକୁଳରେ ଏନଏସି ହେବାର ଥିବାରୁ ୨ ପଞ୍ଚାୟତକୁ ଛାଡି ଶରଣକୁଳ ଜୋନର ୫ ପଞ୍ଚାୟତକୁ ସାମିଲ କରିବାକୁ ଜିଲା ପରିଷଦ ସଭ୍ୟ ସନ୍ୟାସୀ ପ୍ରଧାନ ପ୍ରସ୍ତାବ ରଖିଥିଲେ। ପୁଣି ଗୋଡିପଡ଼ାକୁ ବ୍ଲକ କରିବାର ପ୍ରସ୍ତାବ ଜିଲା ପରିଷଦ ବୈଠକରେ ଆଲୋଚନା କରାଇ ସରକାରଙ୍କ ପାଖକୁ ପଠାଇବାକୁ ସେ ଓ ଗୋଡିପଡ଼ା ଜୋନ ଜିଲା ପରିଷଦ ସଭ୍ୟ ଭାଗବତ ସେଠୀ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ବୈଠକରେ କ୍ରିୟାନୁଷ୍ଠାନ କମିଟିକୁ ପୁର୍ନଗଠନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି । କମିଟି ସମ୍ପାଦକ ବସନ୍ତ ନାୟକ ବ୍ଲକ ଗଠନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

## ହାଇୱା ଧକ୍କାରେ ଜଣେ ମୃତ

**ଖଣ୍ଡପଡ଼ା,୨୨।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତାର ଖଳିସାହି ଗ୍ରାମ ହନୁମାନ ପୋଖରୀ ନିକଟରେ ରବିବାର ଅପରାହ୍ନରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଯୁବକ ଆହତ ହୋଇଛନ୍ତି। ମୃତକ ହେଲେ ବିକ୍ରମ ସାହୁ(୨୦)। ତାଙ୍କ ଘର ଫତେଗଡ଼ ଥାନା ଅଧୀନ ଧାନଚେଙ୍ଗଡା ଗ୍ରାମରେ। ଆହତ ବିକାଶ ନାଏକ(୧୮)ଙ୍କ ଘର ମଧ୍ୟ ସେହି ଗ୍ରାମରେ । ବିକ୍ରମ ଓ ବିକାଶ ଏକ ବାଇକ୍‌ରେ ଖଣ୍ଡପଡ଼ାରୁ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିକ୍ରମଙ୍କ ମୃତ୍ୟୁ ଘଟିଥିଲା। ବିକାଶଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା ହାଇୱାକୁ ପୋଲିସ ଜବତ କରିବା ସହ ଚାଳକ ସନ୍ତୋଷ ପରିଡ଼ାଙ୍କୁ ଗିରଫ କରିଛି ।

### ଗହ୍ମା ପୂର୍ଣ୍ଣିମାରେ ଚାରା ରୋପଣ

**ନୟାଗଡ ଅଫିସ,୨୨।୮**

ଗହ୍ମା ପୂର୍ଣ୍ଣିମାରେ ପଞ୍ଚରିଡା ରେଞ୍ଜ ପଥରଗଡ ମୌଜା ଭଣ୍ଡାର ପାହାଡ ପାଦଦେଶରେ ଚାରା ରୋପଣ କରାଯାଇଛି। ଲୋକଶ୍ୱର ପ୍ରତିଷ୍ଠାନ ଆନୁକୂଲ୍ୟରେ ୩୦ ଆମ୍ବ, ପଣସ, ଜାମୁ, ଅଶ୍ୱସ୍ଥ ଓ ବର ଚାରା ରୋପଣ ହୋଇଛି। ଅନୁଷ୍ଠାନର ସଭାପତି ସଂସାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କରଡାର ସାମାଜିକ କର୍ମୀ ରଷିଆ ପ୍ରଧାନ, କୃଷ୍ଣଚନ୍ଦ୍ର ପଲେଇ, ଲିଙ୍ଗରାଜ ସ୍ୱାଇଁ, ଅରୁଣ କୁମାର ଦାଶ, ପରମାନନ୍ଦ ସ୍ୱାଇଁ ପ୍ରମୁଖ ଭାଗ ନେଇ ଚାରାରୋପଣ ସମ୍ପର୍କରେ ବୁଝାଇଥିଲେ ।

## ବିଦ୍ୟୁତ୍ କାଟ, ଶୁଳ୍କ ବୃଦ୍ଧିର ପ୍ରତିବାଦ

**ନୟାଗଡ଼ ଅଫିସ,୨୨।୮**

- ନୂଆ ମିଟର ଲଗାଇବା ଅଭିଯାନକୁ ବିରୋଧ
- ଆନ୍ଦୋଳନ ପାଇଁ ବୈଠକ

ଟାଟା ପାୱାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବା ପରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଏନେଇ ନୟାଗଡ଼ ଜିଲା ରଣପୁର ବ୍ଲକ କନ୍ଧନୟାଗଡ଼ର ଉପଭୋକ୍ତାମାନେ ଡୋମଣି ମନ୍ଦିରରେ ରବିବାର ଏକ ବୈଠକରେ ସାମିଲ ହୋଇ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହୋଇଛନ୍ତି । ଚାନ୍ଦପୁର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଲାଗି ରହିଛି। ଅଭିଯୋଗ କଲେ କେହି ଶୁଣୁ ନାହାନ୍ତି। ସେହିପରି ଟାଟା ପାୱାର ମିଟର ରିଡିଂ ନେଇ ବିଲ୍ ମନଇଛା ଦେଉଛି । ଉପଭୋକ୍ତାଙ୍କ ଅଧିକ ବିଲ୍ ଆସୁଛି । ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀ ବିଦ୍ୟୁତ୍ ବିଲ ଆଦାୟ କରୁଛି । ବିଲ୍ ଆଦାୟ ବେଳେ ଉପଭୋକ୍ତାଙ୍କୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ଖରାପ ବ୍ୟବହାର କରିବାକୁ ପଛାଉ ନାହାନ୍ତି । ପୁଣି ବିଲ୍ ଆଦାୟ ତାରିଖରେ ପେମେଣ୍ଟ ଦେବାକୁ ଜୋର ଜବରଦସ୍ତି କରାଯାଉଛି ବୋଲି ଅଭିଯୋଗ ଉଠିଛି। ପୁରଣା ମିଟର କାର୍ଯ୍ୟକ୍ଷମ ଥିଲେ ମଧ୍ୟ ନୂଆ ଲଗାଇବାକୁ ବାଧ୍ୟ କରାଯାଉଛି । ନୂଆ ମିଟରରେ ଅଧିକ ୟୁନିଟ୍ ଉଠୁଥିବା ଅଭିଯୋଗ ହୋଇଛି ।

# ଜଳ ଭଣ୍ଡାରରେ ପାଣି ଭର୍ତ୍ତି, କେନାଲରେ ନାହିଁ

**ଖଣ୍ଡପଡ଼ା,୨୨।୮(ସ୍ୱ.ପ୍ର.)**

ସୁନାମୁହିଁ ଜଳ ଭଣ୍ଡାରରେ ପର୍ଯ୍ୟାପ୍ତ ପରିମାଣର ଜଳ ମହଜୁଦ ଅଛି । ହେଲେ କେନାଲରେ ପାଣି ଆସୁ ନ ଥିବାରୁ ଚାଷଜମି ଶୁଖିଲା ପଡିଛି । ଏହାକୁ ନେଇ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ବିଭାଗୀୟ ଅଧିକାରୀମାନେ ଏ ସଂକ୍ରାନ୍ତରେ ତୁରନ୍ତ ଦୃଷ୍ଟି ନ ଦେଲେ ଚଳିତ ବର୍ଷର ଧାନ ଫସଲ ଉଜୁଡିବ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି ।

ସୂଚନା ଅନୁଯାୟୀ, ଚଳିତ ବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଗାଁରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଖଣ୍ଡପଡ଼ା ସୁନାମୁହିଁ ଜଳଭଣ୍ଡାରରୁ ଶିଖରପୁର, ବରପଲ୍ଲୀ, ଶାଳଝରିଆ, କୃଷ୍ଣପ୍ରସାଦ, ପୁରୁଣା ସାହାସପୁର ଆଦି ଗ୍ରାମର ଚାଷଜମିକୁ ଜରୁରିକାଳୀନ ପରିସ୍ଥିତିରେ ଜଳସେଚିତ କରିବାର ମହତ ଲକ୍ଷ୍ୟ ନେଇ ରାଜ୍ୟ ସରକାର କ୍ଷୁଦ୍ର ଜଳସେଚନ ବିଭାଗ ଜରିଆରେ କେନାଲ ନିର୍ମାଣ କରିଥିଲେ। ଏଥିପାଇଁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା । ଖାଲି ସେତିକି ନୁହେଁ, ପ୍ରତିବର୍ଷ କେନାଲର ମରାମତି ଓ ରକ୍ଷଣାବେକ୍ଷଣ ବାବଦରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି । ଏପରି କି କେନାଲରୁ ଘାସ କାଟିବା ପାଇଁ ଆସୁଥିବା ଅନୁଦାନକୁ ଅନିୟମିତ ଭାବେ ଖର୍ଚ୍ଚ କରାଯାଉଥିବା ଶିଖରପୁର ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ କେନାଲରେ କାହିଁକି ପାଣି ଛଡ଼ା ଯାଉ ନାହିଁ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ କିଛି କହୁ ନାହାନ୍ତି । ଯଦି ଅଳ୍ପ ଦିନ ମଧ୍ୟରେ ବର୍ଷା ନ ହୁଏ କିମ୍ବା କେନାଲରେ ପାଣି ନ ଆସେ ଉପରୋକ୍ତ ଗାଁରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଅଶ୍ୱିନୀ କୁମାର ଶାନ୍ତ କହିଛନ୍ତି, କେନାଲରେ ପାଣି ଛାଡିବାର ବ୍ୟବସ୍ଥା କରାଯାଉଛି ।



ଶୁଖିଲା ପଡ଼ିଛି କେନାଲ।

**ଚାଷ ଜମି ଶୁଖିଲା ପଡ଼ିଛି, ଚିନ୍ତାରେ ଚାଷୀ**

# ଗହ୍ମାଡ଼ିଆଁ ପର୍ବ ସାଜିଲା ଆକର୍ଷଣ

**ଖଣ୍ଡପଡ଼ା,୨୨।୮(ସ୍ୱ.ପ୍ର.)**

ରବିବାର ଶ୍ରାବଣ ପୂର୍ଣ୍ଣମୀ ତିଥିରେ ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ, ବନମାଳୀପୁର, କୋସକା, ଢୋଲମରା, ମର୍ଦ୍ଦରାଜପୁର, ସିଧାମୂଳା, ବାଣପୁର, ବେଣାଗାଡ଼ିଆ, ଭୋଗଡ଼ା ଓ ପଥରଚକଡ଼ା ଆଦି ଗ୍ରାମର ଚାଷୀମାନେ ନିଜ ବଳଦ ଓ ଗାଇଙ୍କ ସହିତ ଲଙ୍ଗଳକୁ ପୂଜାର୍ଚ୍ଚନା କରିଛନ୍ତି । ଓଡ଼ିଶାର ଖଣ୍ଡାୟତ ଓ ପାଇକମାନେ ଏହି ଦିନକୁ ଏକ ପାରମ୍ପରିକ ପର୍ବ ରୂପେ ପାଳନ କରିଥାନ୍ତି। ସାଧାରଣତଃ ଶ୍ରାବଣ ପୂର୍ଣ୍ଣିମା ପୂର୍ବରୁ ଚାଷ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ତେଣୁ ସମରାଭ୍ୟାସ ପାଇଁ ଗ୍ରାମର ପୁରୁଷମାନେ ଶ୍ରାବଣ ପୂର୍ଣ୍ଣିମାଠାରୁ ଦଶହରାକୁ ଉପଯୁକ୍ତ ସମୟ ବୋଲି ଗ୍ରହଣ କରିଥାନ୍ତି । ଉଚ୍ଚ ସ୍ଥାନରୁ ତଳକୁ ଡ଼େଇଁବାକୁ 'ଗହ୍ମା' କୁହାଯାଏ । ପ୍ରଚଳିତ ଭାଷାରେ ଏହି ଡିଆଁକୁ ଗହ୍ମାଡ଼ିଆଁ ବୋଲି କୁହାଯାଏ।

ରବିବାର ନିକଟସ୍ଥ ମର୍ଦ୍ଦରାଜପୁର, ସିଧାମୂଳା, ବଡବାଣପୁର, ହରିଚନ୍ଦନପୁର, ବରକୋଳିବନ୍ଧ ଓ ଭୋଗଡ଼ା ଆଦି ଗ୍ରାମରେ ଗହ୍ମାଡିଆଁ ଅନୁଷ୍ଠିତ ହୋଇଥିଲା। ବିଶେଷକରି ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ମନ୍ଦିର ପାଦଦେଶରେ ତଥା ମେଡିକାଲ ନିକଟରେ ଓ ସିଧାମୂଳା ନୋଡାଲ ଉପ୍ରା ବିଦ୍ୟାଳୟ ସାମନାରେ ଏହି ଗହ୍ମାଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିଧାମୂଳାଠାରେ ଡେଭଲପ୍‌ମେଣ୍ଟ ବ୍ୟାକ୍‌ୱାର୍ଡ ସୋସାଇଟି ପକ୍ଷରୁ ଆୟୋଜିତ ଗହ୍ମାଡିହାଁ କାର୍ଯ୍ୟକ୍ରମକୁ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ । ଏହାକୁ ଦେଖିବା ପାଇଁ ବହୁ ଲୋକ ଏକାଠି ହୋଇଥିଲେ । ୪ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ ।



ସିଧାମୂଳାଠାରେ ଆୟୋଜିତ ଗହ୍ମାଡିଆଁ।

### ହାଣ୍ଡି ଭାଙ୍ଗିଲେ ପ୍ରତିଯୋଗୀ

ରବିବାର ଗହ୍ମା ପୂର୍ଣ୍ଣମୀ ତଥା ରକ୍ଷା ବନ୍ଧନ ଅବସରରେ କଣ୍ଟିଲୋ ହାଟମୁଣ୍ଡପାଟଣା ଜନକଲ୍ୟାଣ କ୍ଲବ ପକ୍ଷରୁ ହାଣ୍ଡି ଭଙ୍ଗା ପ୍ରତିଯୋଗିତା ତାରିଣୀ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବୟସ୍କମାନେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାର ନିୟମ ଅନୁଯାୟୀ ପ୍ରତିଯୋଗୀଙ୍କ ଆଖିକୁ ଗାମୁଛା କିମ୍ବା ରୁମାଲରେ ବାନ୍ଧି ଦିଆଯିବା ସହ ହାତରେ ଏକ ଲମ୍ବା ବାଡ଼ି ଧରାଇ ଦିଆଯାଏ । ପ୍ରତିଯୋଗି ୫୦ଫୁଟ୍ ଦୂରରେ ଥିବା ହାଣ୍ଡି କିମ୍ବା ଟିଣ ଡ଼ବା ନିକଟରେ ପହଞ୍ଚି ହାତରେ ଧରିଥିବା ବାଡ଼ିରେ ପିଟି ଭାଙ୍ଗିଥାନ୍ତି । ଏହାକୁ ହାଣ୍ଡି ଭଙ୍ଗା ପ୍ରତିଯୋଗିତା କୁହାଯାଏ। ଏହି ପ୍ରତିଯୋଗିତାରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ । ହାଣ୍ଡି ଭାଙ୍ଗିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।